**ଜୁଲାଇ ମାସ ପାଇଁ ଜନଶୁଣାଣି କାର୍ଯ୍ୟକ୍ରମ**

ଅନୁଗୋଳ,(ଅମିତ କୁମାର ସାମଲ): ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଜୁଲାଇ ମାସ ପାଇଁ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥିରେ ଜିଲାପାଳ ଓ ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେବେ। ଜୁଲାଇ ୩ ତାରିଖ ପୂର୍ବାହ୍ନ ୧୦ ଘଟିକାରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ପାଲଲହଡା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ। ସେହିପରି ୧୦ ତାରିଖରେ ଜିଲା କାର୍ଯ୍ୟାଳୟ, ୧୭ ତାରିଖରେ ବଅଁରପାଳ ବ୍ଲକ କାର୍ଯ୍ୟାଳୟ, ୨୪ରେ ଜିଲା କାର୍ଯ୍ୟାଳୟ ଓ ୩୧ ତାରିଖରେ କଣିହାଁ ବ୍ଲକ କାର୍ଯ୍ୟାଳୟଠାରେ ଜନଶୁଣାଣି ଅନୁଷ୍ଠିତ ହେବ।

## ସଂକ୍ଷେପରେ

### ଟ୍ରକ୍ ଚଢ଼ିଗଲା, ଚାଳକ ମୃତ

ତାଳଚେର,୩୦।୬(ମନୋଜ ନନ୍ଦ): ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଭୁବନେଶ୍ୱରୀ କୋଇଲା ଖଣି କୋଲ୍ କୋରିଡର ଟ୍ରକ୍ ପାର୍କିଂ ଠାରେ ଶୁକ୍ରବାର ଦୁର୍ଘଟଣା ଘଟି ଜଣେ ଟ୍ରକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବାରୁ ଖଣି କାର୍ଯ୍ୟ ବନ୍ଦ ରହିଛି।

ପ୍ରକାଶ ଯେ, ଅନୁଗୋଳ ଜିଲା ମହାଧରପୁର ତୁଟୁପଡ଼ା ଗ୍ରାମର ଟ୍ରକ୍ ଚାଳକ ଚନ୍ଦ୍ରକାନ୍ତ ବେହେରା ଖଣିରୁ କୋଇଲା ପରିବହନ ପାଇଁ ଆସିଥିଲେ। ସେ କୋଲ୍ କରିଡର ପାର୍କିଂସ୍ଥଳରେ ଗାଡ଼ି ରଖି ଚାଲି ଚାଲି ଯାଉଥିବାବେଳେ ଅନ୍ୟ ଏକ ଟ୍ରକ୍ ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ଚନ୍ଦ୍ରକାନ୍ତଙ୍କ ମୃତ୍ୟୁ ହୋଇଯାଇଥିଲା। ଖବରପାଇ ତାଳଚେର ପୋଲିସ ପହଞ୍ଚି ଟ୍ରକ୍ ଜବତ କରିଥିବାବେଳେ ଦୁର୍ଘଟଣା ଘଟାଇଥିବା ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ତେବେ ଦୁର୍ଘଟଣା ପରେ ଖଣିରେ ଉତ୍ତେଜନା ଦେଖାଦେଇଛି। କ୍ଷତିପୂରଣ ଓ ମୃତ ଟ୍ରକ୍ ଚାଳକଙ୍କ ପରିବାରରୁ ଜଣକୁ ନିଯୁକ୍ତି ଦାବି କରାଯାଇଛି। ଏହାକୁ ନେଇ ଖଣି କାର୍ଯ୍ୟ ବନ୍ଦ ରହିଛି।

# ସ୍ୱସ୍ତିକା ବେଷ୍ଟ ଗ୍ରାଜୁଏଟ, ଅଶ୍ୱଜିତ ଓ ଶୁଭ୍ରକାନ୍ତ ଶ୍ରେଷ୍ଠ

### ଅନୁଗୋଳ କଲେଜ ଯୁକ୍ତ ୩ ପରୀକ୍ଷାଫଳ

ଅନୁଗୋଳ, ୩୦।୬ (ଅମିତ କୁମାର ସାମଲ)

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ସ୍ନାତକ କଳାରେ ୭୧.୬୫ ପ୍ରତିଶତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବାବେଳେ ବିଜ୍ଞାନରେ ୮୮.୩୭% ଓ ବାଣିଜ୍ୟରେ ପାସ୍‌ହାର ୬୬.୮୮% ରହିଛି। ଏଥିସହ ସ୍ନାତକୋତ୍ତର ବିଜ୍ଞାନ ଏବଂ କଳାରେ ପାସ୍ ହାର ଶତପ୍ରତିଶତ ହୋଇଥିବା ମହାବିଦ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସେହିଭଳି ସେଲଫ୍ ଫାଇନାନ୍ସିଂ ପାଠ୍ୟକ୍ରମ ଏମ୍‌ବିଏରେ ପାସ୍ ହାର ୯୪.୩୪ ପ୍ରତିଶତ, ଏମ୍‌କମ୍‌ରେ ପାସ୍ ହାର ୮୮.୮୯ ପ୍ରତିଶତ ହୋଇଛି। ତେବେ ସ୍ନାତକ ବିଜ୍ଞାନ ବିଭାଗ ଛାତ୍ରୀ ସ୍ୱସ୍ତିକା ପ୍ରଧାନ ମହାବିଦ୍ୟାଳୟର ବେଷ୍ଟ ଗ୍ରାଜୁଏଟ୍ ହୋଇଥିବାବେଳେ ବାଣିଜ୍ୟରେ ଅଶ୍ୱଜିତ ମିଶ୍ର ଓ କଳାରେ ଶୁଭ୍ରକାନ୍ତ ରଣବିଭୂଷଣ ଶ୍ରେଷ୍ଠ ହୋଇଛନ୍ତି। ସ୍ନାତକୋତ୍ତର ବିଭାଗ




ବିଜ୍ଞାନରେ ପ୍ରୀତିରାଜ କଂସ ଶ୍ରେଷ୍ଠ ହୋଇଥିବାବେଳେ କଳାରେ ଅର୍ପିତା ଗଜେନ୍ଦ୍ର ଶ୍ରେଷ୍ଠ ହୋଇଛନ୍ତି।

ଅନୁଗୋଳ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅପରାହ୍ନରେ ଅଧ୍ୟକ୍ଷ ଡ. ଗଙ୍ଗାଧର କରଙ୍କ ଅଧ୍ୟକ୍ଷତାରେ ପରୀକ୍ଷାଫଳ ପ୍ରକାଶ ପାଇଥିଲା। ଏହି ଅବସରରେ ସେ କଲେଜର ଅଧ୍ୟାପିକା, ଅଧ୍ୟାପକଙ୍କ ପରିଶ୍ରମକୁ ପ୍ରଶଂସା କରିଥିଲେ। ଏଥିସହ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପରୀକ୍ଷା ନିୟନ୍ତ୍ରକ କ୍ୟାପଟେନ୍ (ଡ.) ଅଭିମନ୍ୟୁ ଦାସ ତାଙ୍କର ଦ୍ୱିତୀୟ ପରୀକ୍ଷାଫଳ ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱୟଂଶାସିତ ବିଭାଗର ସଂଯୋଗକ ଡ. ବସନ୍ତ କୁମାର ସାହୁ, ଉପନିୟନ୍ତ୍ରକ ଡ. ସ୍ମିତା ତପସ୍ୱିନୀ, ନୃସିଂହ ବେହେରା, ସମସ୍ତ ବିଭାଗୀୟ ମୁଖ୍ୟ ଅଧ୍ୟାପିକା, ଅଧ୍ୟାପକଙ୍କ ସହ ବିଭାଗରେ ଶ୍ରେଷ୍ଠ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ସ୍ନାତକ କଳା ବିଭାଗ ଅର୍ଥନୀତି ସମ୍ମାନରେ ପ୍ରିୟଙ୍କା ବେହେରା ଶ୍ରେଷ୍ଠ ହୋଇଥିବାବେଳେ ଶିକ୍ଷା ସମ୍ମାନରେ ନିଗମା ଖାତୁନ୍, ଇଂଲିଶ ସମ୍ମାନରେ ମନିଷା ଧଳ, ଭୂଗୋଳ ସମ୍ମାନରେ ସମୀର ସ୍ମୃତି ଏକ୍କା, ଇତିହାସ ସମ୍ମାନରେ ସନ୍ତୋଷିନୀ ପ୍ରଧାନ, ଓଡ଼ିଆ ସମ୍ମାନରେ ସିପା ସାହୁ, ମନସ୍ତତ୍ତ୍ୱ ସମ୍ମାନରେ ପ୍ରତ୍ୟୁଷ ଦାସ, ରାଜନୀତି ବିଜ୍ଞାନରେ ଖୁସି ରାୟ, ସଂସ୍କୃତ ସମ୍ମାନରେ ସୌଦାମିନୀ ଜେନା, ସାମାଜିକ ବିଜ୍ଞାନ ସମ୍ମାନରେ ସତ୍ୟମ ରାଉତ ଶ୍ରେଷ୍ଠ ହୋଇଛନ୍ତି। ଏଥିସହ ବିଜ୍ଞାନ ବିଭାଗର ବଟନି ସମ୍ମାନରେ ହେମନ୍ତ କୁମାର ସାହୁ, କେମେଷ୍ଟ୍ରିରେ ସ୍ୱସ୍ତିକା ପ୍ରଧାନ, ଗଣିତ ସମ୍ମାନରେ ମୋନାଲିସା ସାହୁ, ଫିଜିକ୍ସରେ ପ୍ରଜ୍ୟୋତି ସାମଲ, ଜୁଲୋଜି ସମ୍ମାନରେ ଇସ୍‌ରତ ନାସରିନ୍, କମ୍ପ୍ୟୁଟର ସମ୍ମାନରେ ସଂଗ୍ରାମ ପ୍ରଧାନ ଶ୍ରେଷ୍ଠ ହୋଇଛନ୍ତି। ଏଥିସହ ବାଣିଜ୍ୟ ବିଭାଗରେ ଅଶ୍ୱଜିତ୍ ମିଶ୍ର ଶ୍ରେଷ୍ଠ ହୋଇଥିବା ମହାବିଦ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସେହିଭଳି ସ୍ନାତକୋତ୍ତର ବିଭାଗର ରାଜନୀତି ବିଜ୍ଞାନରେ ଲଜିତା ନାହାକ, ଶିଳ୍ପ ଅର୍ଥନୀତିରେ ବର୍ଷାରାଣୀ ସାହୁ, ଓଡ଼ିଆରେ ଅର୍ପିତା ଗଜେନ୍ଦ୍ର ଶ୍ରେଷ୍ଠ ହୋଇଛନ୍ତି। ବିଜ୍ଞାନ ବିଭାଗର ଫିଜିକ୍ସରେ ଶୁଭେନ୍ଦୁ ବାଘ ଓ ଜୁଲୋଜିରେ ପ୍ରୟାସ ପ୍ରୀତିରାଜ୍‌କଂସ ଶ୍ରେଷ୍ଠ ହୋଇଛନ୍ତି। ସେଲଫ ଫାଇନାନ୍ସିଂ ପାଠ୍ୟକ୍ରମର ଏମ୍‌ବିଏମ୍‌ରେ ଲକି ସାହୁ, ଏମ୍‌କମ୍‌ରେ ତେଜେସ୍ୱିନୀ ପଡ଼ିହାରୀ ଓ ଆଇଏମ୍‌ବିଏରେ ଜ୍ୟୋତି ସିଂହ ଶ୍ରେଷ୍ଠ ହୋଇଥିବା ଜଣାପଡ଼ିଛି।

### ଆଗାମୀ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛି



ବେଷ୍ଟ ଗ୍ରାଜୁଏଟ ହୋଇଥିବାରୁ ବହୁତ୍ ଖୁସି ଲାଗୁଛି। ଭଲ ନମ୍ବର ରହିବ ବୋଲି ଆଶା ଥିଲା। କିନ୍ତୁ ଶ୍ରେଷ୍ଠ ହେବି ବୋଲି ଜାଣିନଥିଲି। ପ୍ରତ୍ୟେକ କ୍ଲାସ କରୁଥିଲି ଓ ଶ୍ରେଣୀରେ ପଢ଼ାଯାଉଥିବା ପାଠକୁ ଗୁରୁତ୍ୱ ଦେଉଥିଲି। ଏବେ ଆଗାମୀ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛି।

-ସ୍ୱସ୍ତିକା ପ୍ରଧାନ, ବେଷ୍ଟ ଗ୍ରାଜୁଏଟ୍

### ଚାର୍ଟାର୍ଡ କରିବି



ବାଣିଜ୍ୟ ବିଭାଗରେ ଶ୍ରେଷ୍ଠ ହେବା ପରେ ଏମ୍‌ବିଏ କରିବି। ଏହାପରେ ଚାର୍ଟାର୍ଡ କରିବି। ରେଗୁଲାର କଲେଜ ଯାଇ ପାଠ ପଢ଼ିଲେ ଭଲ ନମ୍ବର ରହିବ। ମା' ବାପା ଓ ସମସ୍ତ ଅଧ୍ୟାପିକା ଅଧ୍ୟାପକଙ୍କ ସହଯୋଗରେ ଏହି ସଫଳତା ପାଇପାରିଛି।

-ଅଶ୍ୱଜିତ୍ ମିଶ୍ର, ବାଣିଜ୍ୟରେ ଶ୍ରେଷ୍ଠ

### ଅଧ୍ୟାପକ ହେବି



ଏବେ ସ୍ନାତକୋତ୍ତର ପାଇଁ ଏଣ୍ଟ୍ରାନ୍ସ ଦେଇଛି। ଆଗକୁ ଅଧ୍ୟାପକ ହେବାକୁ ଆଶା ରଖିଛି। କଳାରେ ଶ୍ରେଷ୍ଠ ହେବା ପଛରେ ମା' ବାପା, ସହପାଠୀଙ୍କ ସହଯୋଗ, ଅଧ୍ୟାପିକା ଓ ଅଧ୍ୟାପକଙ୍କ ମାର୍ଗଦର୍ଶନ ରହିଛି। ବହି କିଣିବାକୁ ଟଙ୍କା ନ ଥିବାରୁ ସହପାଠୀମାନେ ବହି ଯୋଗାଇ ଦେଇଥିଲେ।

-ଶୁଭ୍ରକାନ୍ତ ରଣଭଇଁସା

### ଅଧ୍ୟାପିକା ହେବାକୁ ଲକ୍ଷ୍ୟ



ଅଦ୍ୟମ ଇଚ୍ଛା ଥିଲେ ସଫଳତା ନିଶ୍ଚିତ ମିଳିବ। ଆଗକୁ ଅଧ୍ୟାପିକା ହେବାକୁ ଲକ୍ଷ୍ୟ ରଖିଛି। ଏହି ମହାବିଦ୍ୟାଳୟରେ ବାପା ପଢ଼ିଥିଲେ। ଏବେ ସେହି ମହାବିଦ୍ୟାଳୟର କଳା ବିଭାଗର ପିଜି ଟପ୍ପର ହୋଇଥିବାରୁ ଖୁସି ଅନୁଭବ କରୁଛି।

-ଅର୍ପିତା ଗଜେନ୍ଦ୍ର, କଳା ବିଭାଗ ପିଜି ଟପ୍ପର

# ଅମିୟ ସ୍ୱାଇଁ ନୂଆ ନିର୍ବାହୀ ନିର୍ଦ୍ଦେଶକ

ବଅଁରପାଳ,୩୦।୬(ଉପେନ୍ଦ୍ର ସାମଲ)

ଅନୁଗୋଳ ଜିଲା ନାଲ୍‌କୋ ଏସ୍‌ଆଣ୍ଡପିର ନୂତନ ନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବେ ଅମିୟ କୁମାର ସ୍ୱାଇଁଙ୍କ ନାମ ଶୁକ୍ରବାର କର୍ପୋରେଟ ପକ୍ଷରୁ ଘୋଷଣା କରାଯାଇଛି। ସେ ଏହା ପୂର୍ବରୁ ନାଲ୍‌କୋ କର୍ପୋରେଟ କାର୍ଯ୍ୟାଳୟର ଇଡି ରହିଥିଲେ। କାର୍ଯ୍ୟରେ ଯୋଗଦାନ କରିବା ପରେ ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନତି ଓ ପ୍ଲାଣ୍ଟର ବିଭିନ୍ନ ସମସ୍ୟା ପ୍ରତି ଦୃଷ୍ଟି ଦେବେ ବୋଲି ନୂଆ ଇଡି ସ୍ୱାଇଁ ପ୍ରକାଶ କରିଛନ୍ତି। ସେହିପରି ସ୍ମେଲଟର ଓଆଣ୍ଡଏମ୍ ଜିଜିଏମ୍ ଅଶୋକ ଦାସ ସ୍ମେଲଟର ମହାପ୍ରବନ୍ଧକ ଭାବେ ନିଯୁକ୍ତି ପାଇଛନ୍ତି। ନୂତନ ଇଡି ସ୍ୱାଇଁକୁ ନାଲ୍‌କୋ ଶ୍ରମିକ କଂଗ୍ରେସ ସାଧାରଣ ସମ୍ପାଦକ ବିଭବ ଜେନା, ଏଏମ୍‌ଏସ୍ ସଭାପତି ମୁନା ସାମଲ, ସାଧାରଣ ସମ୍ପାଦକ ବିନୋଦ ସାମଲ, ନେପୁ ସାଧାରଣ ସମ୍ପାଦକ ବୈରାଗୀ ସେଠ, ଅଜୟ ଦାସ, ନେସ୍ ଉପସଭାପତି ମନୋଜ ସ୍ୱାଇଁ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।


ଅମିୟ କୁମାର ସ୍ୱାଇଁ।


ଅଶୋକ ଦାସ।

# ଶିହରଣ ସୃଷ୍ଟିକଲା ଭଜନ



ଢେଙ୍କାନାଳ, ୩୦।୬(ରତନ ନାୟାର)

ଢେଙ୍କାନାଳ ରଥଗଡ଼ାରେ ଚାଲିଥିବା ୩୪ତମ ବାହୁଡ଼ା ଯାତ୍ରା ଭଜନ ସମାରୋହର ଶୁକ୍ରବାର ଥିଲା ତୃତୀୟ ସନ୍ଧ୍ୟା। କଣ୍ଠଶିଳ୍ପୀ ରବି ମହାପାତ୍ରଙ୍କ କଣ୍ଠରେ ପ୍ରସିଦ୍ଧ ଭଜନ ଆହେ ନୀଳ ଶଇଳ... ସମବେତ ଦର୍ଶକଙ୍କ ମଧ୍ୟରେ ଶିହରଣ ସୃଷ୍ଟି କରିଥିଲା। ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଶ୍ରୀଚରଣ, ପ୍ରଶାନ୍ତ ପାଢ଼ୀ, ମାନସୀ ପାତ୍ର ପ୍ରମୁଖ ଗୋଟିଏ ପରେ ଗୋଟିଏ ଜଗନ୍ନାଥ ଭଜନରେ ଶ୍ରୋତାଙ୍କ ମନ ଜିଣିଥିଲେ।

ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସଦର ତହସିଲଦାର ସୁଧାଂଶୁ କୁମାର ସାଓ, ଟାଉନ ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର, ସାମାଜିକ କର୍ମୀ ଶେଷଦେବ ରାଉତ, ଶ୍ରମିକ ନେତା ବସନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଏକଘରିଆ ଶରଣ ଶ୍ରୀକ୍ଷେତ୍ରର ତୁଳସୀ ସେବକ ବିଷ୍ଣୁ ବାବାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଦେଷ୍ଟା ସୁକାନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ କରିଥିଲେ। ସମ୍ପାଦକ ବିଶ୍ୱନାଥ ବେହେରା, ଉପସଭାପତି ଶରତ ସାହୁ, କବି ଅଥୟ କୁମାର ସାହୁ, ସତ୍ୟସ୍ୱରୂପ ଦାସ, ଅରବିନ୍ଦ ସାହୁ, ଗଙ୍ଗାଧର ରାଉତ, ବିନୋଦ ମହାନ୍ତି, ବାବୁଲି ଦାସ, ଶ୍ରୀନିବାସ ଦାସ, ବାବୁ ଦେହୁରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ରଞ୍ଜନ ସିନିୟର୍ ଜେନେରାଲ ମ୍ୟାନେଜର

କଣିହାଁ,୩୦।୬(ସଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ରେଙ୍ଗାଲି ପ୍ରକଳ୍ପ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମର ବରିଷ୍ଠ ସାଧାରଣ ପରିଚାଳକ ଭାବେ ରଞ୍ଜନ କୁମାର ପରିଡ଼ା ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ବରିଷ୍ଠ ସାଧାରଣ ପରିଚାଳକ ପଦବୀରୁ ଅବସର ଗ୍ରହଣ କରିଥିବା ରୁଦ୍ରମୋହନ ନାୟକଙ୍କଠାରୁ ନୂତନ ଭାବେ ବରିଷ୍ଠ ସାଧାରଣ ପରିଚାଳକ ଭାବେ ରଞ୍ଜନ କୁମାର ପରିଡ଼ା ଦାୟିତ୍ୱ ଗ୍ରହଣ କରିଥିଲେ। ଏ ନେଇ ଓଏଚ୍‌ପିସି ପ୍ରଶାସନିକ କାର୍ଯ୍ୟାଳୟରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ସହ ନୂତନ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଏଚ୍‌ପିସିର ସମସ୍ତ ଯନ୍ତ୍ରୀ, କର୍ମଚାରୀ ଯୋଗଦେଇ ଉଭୟ ଅଧିକାରୀଙ୍କୁ ବିଦାୟ ଓ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କାର୍ଯ୍ୟକ୍ରମରେ ସାଧାରଣ ପରିଚାଳକ ସରୋଜ ବହିଦାର, ସହ ସାଧାରଣ ପରିଚାଳକ ନୀଳିମା ଦେବନାଥ, ଉପ ସାଧାରଣ ପରିଚାଳକ ସୁବ୍ରତ ଷଡ଼ଙ୍ଗୀ, ସହ-ସାଧାରଣ ପରିଚାଳକ ପ୍ରଦୀପ ପ୍ରଧାନ, ବ୍ୟକ୍ତିଗତ ସହାୟକ କାହ୍ନୁଚରଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ।


ନୂଆ ବରିଷ୍ଠ ସାଧାରଣ ପରିଚାଳକ ଦାୟିତ୍ୱ ଗ୍ରହଣ କରୁଛନ୍ତି।

# ଦାୟିତ୍ୱ ନେଲେ ନାଲ୍‌କୋ ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା

ବଅଁରପାଳ,୩୦।୬(ଉପେନ୍ଦ୍ର ରାଉତ)

ନିର୍ବାଚନରେ ବିଜୟୀ ହୋଇଥିବା ନାଲ୍‌କୋ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତାମାନେ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସଭାପତି ଭାବେ ମନୋରଞ୍ଜନ ଜେନା, ସମ୍ପାଦକ ରାଜୀବ ଜେନା, ଉପସଭାପତି ତପନ ସାମନ୍ତ ସିଂ, ସହ-ସମ୍ପାଦକ ବିଭୂତି ଭୂଷଣ ଜେନା ଓ କୋଷାଧ୍ୟକ୍ଷ ଭାବେ ମୁକେଶ ଜେନା ଦାୟିତ୍ୱ ଗ୍ରହଣ କରିଛନ୍ତି। ନିର୍ବାଚନ କମିଟି ଅଧ୍ୟକ୍ଷ ଶ୍ୱେତବ୍ରତ ସ୍ୱାଇଁ, ତରୁଣ ସ୍ୱାଇଁ, ବ୍ରହ୍ମାନନ୍ଦ ଜେନା, ବସନ୍ତ ଜେନା, ଆଖି ସ୍ୱାଇଁ, ଅଶ୍ୱିନୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।


ଦାୟିତ୍ୱ ଗ୍ରହଣ କରିଥିବା ନୂତନ କର୍ମକର୍ତ୍ତାମାନେ।

# ମଣିପୁର ହିଂସାକୁ ନେଇ ଉଦ୍‌ବେଗ

ଢେଙ୍କାନାଳ, ୩୦।୬(ରତନ ନାୟାର)

ମଣିପୁରରେ ମେଇତି ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ପ୍ରଦାନ ପ୍ରସଙ୍ଗକୁ ନେଇ ଦୀର୍ଘ ୨ ମାସ ହେଲା ହିଂସାକାଣ୍ଡ ଲାଗିରହିଛି। ଏହାକୁ ନେଇ ବ୍ୟାପକ ଧନଜୀବନ ହାନି ହେଲାଣି। ପୂର୍ବ ଭାରତୀୟ ରାଜ୍ୟରେ ଶାନ୍ତି ଫେରାଇ ଆଣିବାରେ କେନ୍ଦ୍ର ସରକାର ବିଫଳ ହୋଇଥିବା ଅଭିଯୋଗ କରିଛି ଢେଙ୍କାନାଳ ଜିଲା ବୁଦ୍ଧିଜୀବୀ ସଙ୍ଗଠନ, ଗାନ୍ଧୀ ଅଧ୍ୟୟନ କେନ୍ଦ୍ର, ଉଫୁନା ଏବଂ ସାମାଜିକ ସଙ୍ଗଠନ ସୌନ୍ଦର୍ଯ୍ୟା। ଏହାର ପ୍ରତିବାଦରେ ବୁଦ୍ଧିଜୀବୀ ସଙ୍ଗଠନ ସଭାପତି ଡା. ତୁଷାର କାନ୍ତି ନାୟକଙ୍କ ଆହ୍ୱାନରେ ଶୁକ୍ରବାର ଗାନ୍ଧୀ ପାର୍କରେ ବିକ୍ଷୋଭ କରାଯାଇଛି।

କୁକି ଏବଂ ମେଇତି ସମ୍ପ୍ରଦାୟ ମଧ୍ୟରେ ଲାଗି ରହିଥିବା ବିବାଦ ଥମୁନାହିଁ। ବ୍ୟାପକ ହିଂସାକାଣ୍ଡ ଯୋଗୁ ସ୍କୁଲ, କଲେଜ, ବ୍ୟବସାୟିକ ପ୍ରତିଷ୍ଠାନ, ଧାର୍ମିକ ପୀଠସ୍ଥଳୀ ଧ୍ୱଂସ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଭଳି ସମ୍ବେଦନଶୀଳ ବିଷୟରେ ନୀରବ ରହିବା ଦେଶବାସୀଙ୍କୁ ବ୍ୟଥିତ କରିଛି ବୋଲି ସଙ୍ଗଠନର ସଦସ୍ୟମାନେ କହିବା ସହ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ବୁଦ୍ଧିଜୀବୀ ସଙ୍ଗଠନର ରୁଦ୍ର ପ୍ରକାଶ ଶରଣ, ପ୍ରଫୁଲ୍ଲ ମହାନ୍ତି, ଗାନ୍ଧୀ ଅଧ୍ୟୟନ କେନ୍ଦ୍ରର ସରୋଜ ଶତପଥୀ, ଉଫୁନାର ରାଷ୍ଟ୍ରୀୟ ଉପସଭାପତି ମନୋରଞ୍ଜନ ପଟ୍ଟନାୟକ, କବି ବାହାଦୁର ପାଟ୍ଟସାହାଣୀ, ପ୍ରାକୃତିକ ଚିକିତ୍ସକ ପୀତବାସ ସାହୁ, ଆଡଭୋକେଟ୍ ନିର୍ମଳ ମିଶ୍ର, ସୌନ୍ଦର୍ଯ୍ୟାର ସଭାନେତ୍ରୀ ସ୍ମିତାରାଣୀ ସାମଲ, ରୁବିନା ବେଗମ୍, ସରସ୍ୱତୀ ତରେଇ ପ୍ରମୁଖ ବିକ୍ଷୋଭରେ ଅଂଶଗ୍ରହଣ କରିଥିଲେ। ସାମାଜିକକର୍ମୀ ଶକ୍ତି ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ବୁଦ୍ଧିଜୀବୀ ସଙ୍ଗଠନ ପକ୍ଷରୁ ପ୍ଲାକାର୍ଡ ଧରି ବିକ୍ଷୋଭ ସଭା।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଅନୁଗୋଳ, ୩୦।୬ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବନ୍ତଲା ଥାନା ପୁରୁଣାଗଡ଼ ମାଟିଆସାହି ପଞ୍ଚାୟତ ବରୁଡ଼ ସାହିର ସମୀର ବେହେରା(୩୫)ଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ପୋଲିସ କହିଛି, ଗୁରୁବାର ରାତିରେ ପାରିବାରିକ କଳହ ଯୋଗୁ ସମୀର କେଉଁଆଡ଼େ ଚାଲି ଯାଇଥିଲେ। ଶୁକ୍ରବାର ସକାଳୁ ଗ୍ରାମର କେତେଜଣ ଲୋକ ଆମ୍ବ ତୋଟାରେ ସମୀରଙ୍କ ଝୁଲନ୍ତା ମୃତଦେହ ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ ସହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛି। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ନୀଳାଦ୍ରିବିଜେ ଭଜନ ସମାରୋହ

ଢେଙ୍କାନାଳ, ୩୦।୬(ରତନ ନାୟାର)

ଢେଙ୍କାନାଳ ବଳରାମ ମନ୍ଦିର ନିକଟରେ ୧୦ମ ନିଳାଦ୍ରୀ ବିଜେ ଭଜନ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ପତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଯୁବରାଜ ଅମରଜ୍ୟୋତି ସିଂହଦେଓ, ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନିଲ ବାୱାରାଙ୍କ ଖଇ କଉଡି ଏବଂ ସାଇ ଭଜନ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ଅଲିଭା ସ୍ମୃତିରଥ, ତୃପ୍ତିମୟୀ, ଦିପେନ କୁମାର ପ୍ରମୁଖ ଭଜନ ପରିବେଷଣ କରିଥିଲେ। ସତ୍ୟରଞ୍ଜନ ଶତପଥୀ ସଭା ପରିଚାଳନା କରିଥିଲେ। ଉପଦେଷ୍ଟା ପ୍ରସନ୍ନ ପଟ୍ଟନାୟକ, ସଞ୍ଜୟ ଭଞ୍ଜଙ୍କ ତତ୍ତ୍ୱାବଧାନରେ ସଦସ୍ୟ ରାଜେନ୍ଦ୍ର ମହାନ୍ତି, ଜିତେନ୍ଦ୍ର ରାମ, ନିରଞ୍ଜନ ସାମଲ, ବିଷ୍ଣୁଚରଣ ବେହେରା, ଟଙ୍କଧର ବେହେରା, ଆଶିଷ ଜେନା, ବିଜୟ ପାତ୍ର, ଆଲୋକ ଶତପଥୀ, ପ୍ରୀତିରଞ୍ଜନ ପତି, ଦିଲୀପ ଧଳସାମନ୍ତ, ଜ୍ୟୋତିପ୍ରକାଶ ମିଶ୍ର,ସରୋଜ ମହାନ୍ତି, ଚିତ୍ତରଞ୍ଜନ ସାହୁ, ପ୍ରଦ୍ୟୁମ୍ନ ପାଢ଼ୀ, ପ୍ରଶାନ୍ତ ରାଉତ, କୁନାଭାଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ନିଳାଦ୍ରୀ ବିଜେ ଭଜନ ସମାରୋହରେ କଣ୍ଠଶିଳ୍ପୀ ଭଜନ ପରିବେଷଣ କରୁଛନ୍ତି।

# ଆବାସ ମିଳିଲାନି, ଭଙ୍ଗା କାନ୍ଥ ନେଲା ଜୀବନ

### ରାଜ୍ୟ ସରକାରଙ୍କୁ ଦାୟୀ କଲେ ଭାଜପା ନେତା

ଅନୁଗୋଳ, ୩୦।୬ (ଅମିତ କୁମାର ସାମଲ)

ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ନ ଥିଲା। ସେଥିପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘରଟିଏ ଯୋଗାଇ ଦେବାକୁ ପ୍ରଶାସନ ନିକଟକୁ ବାରମ୍ବାର ଧାଇଁଥିଲେ। ରାଜନେତାମାନଙ୍କୁ ଭେଟି ବହୁବାର ଗୁହାରି କରିଥିଲେ। ହେଲେ ଦୀର୍ଘ ୭ ବର୍ଷ ମଧ୍ୟରେ ପ୍ରଶାସନ ୭୪ ବର୍ଷୀୟା ବୃଦ୍ଧା ନିର୍ମଳା ମାଝିଙ୍କ ଆବାସ ଦୁଃଖ ଦୂର କରିପାରିଲା ନାହିଁ। ଶେଷରେ ଭଙ୍ଗା କାନ୍ଥ ପଡ଼ି ଗତ ବୁଧବାର ନିର୍ମଳାଙ୍କ ମୃତ୍ୟୁ ହୋଇଗଲା। ଅନୁଗୋଳ ଜିଲା ତାଳଚେର ପୌରପରିଷଦର ୨ନଂ. ୱାର୍ଡରେ ଘଟିଥିବା ଏପରି ଅଭାବନୀୟ ଘଟଣା ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ।


ଭାଙ୍ଗି ପଡ଼ିଥିବା ନିର୍ମଳା ମାଝିଙ୍କ ଘର।

ସାମଲ କହିଛନ୍ତି, ବୃଦ୍ଧା ନିର୍ମଳାଙ୍କ ଝିଅ, ପୁଅ ଅନ୍ୟତ୍ର ରହୁଥିବା ବେଳେ ସେ ତାଳଚେର ପୌର ପରିଷଦର ୨ନଂ. ୱାର୍ଡର ଏକ ଭଙ୍ଗା ଘରେ ରହି ଆସୁଥିଲେ। ଦୀର୍ଘ ୭ ବର୍ଷ ହେଲା ଆବାସ ଯୋଜନାରେ ଘର ଖଣ୍ଡେ ପ୍ରଦାନ ପାଇଁ ସେ କାଉନସିଲର, ବିଧାୟକ, ଏମ୍‌ପି, ପୌରଅଧିକାରୀ ଓ ଜିଲାପାଳଙ୍କୁ ଭେଟି ଅନୁରୋଧ କରିଥିଲେ। ଏପରି କି ଢେଙ୍କାନାଳ ଏମ୍‌ପିଙ୍କ ଘର ଠାରୁ ମାତ୍ର ୧୦୦ ମିଟର ଦୂରରେ ଏହି ବୃଦ୍ଧା ରହି ଆସୁଥିଲେ ହେଁ ତାଙ୍କୁ ଆବାସ ଯୋଜନାରେ ସାମିଲ କରା ନ ଯିବା ଅତ୍ୟନ୍ତ ଉଦ୍‌ବେଗର ବିଷୟ। ସବୁ ଗରିବ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପ୍ରଦାନ ପାଇଁ କେନ୍ଦ୍ର ସରକାର ୨ ଲକ୍ଷ ଘର ମଞ୍ଜୁର କରିଥିଲେ ହେଁ ରାଜ୍ୟ ସରକାର ତାହାକୁ ଦଳୀୟ ଆଧାରରେ ବାଣ୍ଟିବା ସହ ପ୍ରକୃତ ହିତାଧିକାରୀଙ୍କୁ ନ ଦେଇ ଲାଞ୍ଚ ଦେଉଥିବା ଲୋକଙ୍କୁ ଆବାସ ଯୋଗାଇ ଦେଇଛନ୍ତି। ଭାଜପା ପକ୍ଷରୁ ଏକଥା ବାରମ୍ବାର କୁହାଯାଇଛି। କିନ୍ତୁ ବିଜେଡି ସରକାର ବ୍ୟାପକ ପିସି କାରବାର ଚଳାଇଥିବାରୁ ପ୍ରକୃତ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ ରହିଛନ୍ତି। ଭଙ୍ଗା କାନ୍ଥ ତଳେ ଚାପି ହୋଇ ନିର୍ମଳାଙ୍କ ମୃତ୍ୟୁ ଘଟଣା ରାଜ୍ୟ ସରକାରର ଦୁର୍ନୀତିର ମୁଖା ଖୋଲିଦେଇଛି। ନିର୍ମଳାଙ୍କ ମୃତ୍ୟୁ ପାଇଁ ରାଜ୍ୟ ସରକାର ଦାୟୀ ଏବଂ ଯେଉଁମାନେ ଏଥିରେ ସମ୍ପୃକ୍ତ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ରାଜ୍ୟ ସମ୍ପାଦକ ସାମଲ ଦାବି କରିଛନ୍ତି।

